# Akashvani, Sambalpur

## SAMBALPURI NEWS BULLETIN

### 11 February 2026 – 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ-ପାନୀୟ ଜଳ ବିଭାଗ୍ ସମୀକ୍ଷା    ଆଇ.ଆଣ୍ଡ୍.ପି.ଆର୍

ଆଏବା ବଛର୍ ମାର୍ଚ୍ଚ ମାସ୍‌ତକ୍ ସବୁ ଗାଁକେ ସଫା ପିଇବାର୍ ପାଏନ୍ ଯୁଗେଇ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ଗ୍ରାମୀଣ ଜଳ ଯୋଗାଣ ବ୍ୟବସ୍ଥାର୍ ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଗୁଟେ ବି ରାଜସ୍ୱ ଗାଁ ଜଲଯୋଗାଣ୍ ନୁ ବାଦ୍ ନାଇଁ ପଡ଼୍‌ବାର୍ କଥା ବଲି କହିଛନ୍ । ଖାସ୍ କରି ଆଦିବାସୀ ଇଲାକାମାନ୍‌କୁ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଇହାଦେ ରାଜ୍ୟର୍ ୪୬ ହଜାର୍ ୫ ଶହ ୩୧ ଟା ଗାଁ ଭିତ୍‌ରୁ ୨୧ ହଜାର୍ ୭ ଶହ ୨୧ ଟା ଗାଁକେ ପାଇପ୍ ଜରିଏ ପିଇବାର୍ ପାଏନ୍ ଯୁଗେଇ ଦିଆଯାଉଛେ । ସବୁ ଗାଁକେ ମିଶନ୍ ମୋଡ଼୍‌ଥି ପାଏନ୍ ଯୁଗେଇ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟ ଶାସନ୍ ସଚିବ- ମିଲର୍ସ ସଂଘ ବୈଠକ୍   ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ନିଖିଲ୍ ଓଡ଼ିଶା ରାଇସ୍ ମିଲର୍ସ ସଂଘର୍ କର୍ମକର୍ତାମାନ୍‌କର୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଏଜେ ଧାନ୍ ଘିନା ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ସହେତେ ମିଲର୍ସମାନେ ସାମ୍ନା କରୁଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରାଯାଇଥିଲା ।

କେନ୍ଦ୍ର ସର୍‌କାର୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ମିଲିତ ଚେରେଷ୍ଟା ଲାଗି ରାଏଜେ ନକ୍ସଲ୍‌ମାନେ ଆତ୍ମସମର୍ପଣ୍ କରୁଛନ୍ । ଏଛ୍‌ନିର୍ ରାଜନୈତିକ, ଅର୍ଥନୈତିକ ପରିସ୍ଥିତିକେ ଦେଖିକରି ସମାଜର୍ ମୁଖ୍ୟ ସ୍ରୋତକେ ଫିରିଥିବା ଝନେ ନକ୍ସଲ୍ ତାଙ୍କର୍ ବାର୍ତାଥି କହିଛନ୍...

(ସୂଚନା)

ରାଜ୍ୟ ମହିଳା ଆୟୋଗ୍ -ପ୍ରତିଷ୍ଠା ଦିବସ୍      ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ମହିଳା ଆୟୋଗ୍ ଆଏଜ୍ ଶହେ ୩୩ ନମ୍ବର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ସଖାଲର୍ ୧୦ ବଜେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା

ଭବନ୍ ପରିସର୍ ନ ହେବାର୍କେ ଥିବା ଥାପ୍ନା ଦିବସ୍ ସମାରୋହକେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍ଘାଟନ୍ କର୍ବେ । ଇ ଅବ୍ସରେ ଶିଳ୍ପ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ରାଜ୍ୟ ମହିଳା ଆୟୋଗ୍ର ଅଧ୍ୟକ୍ଷା ଶୋଭ୍ନା ମହାନ୍ତି ପ୍ରମୁଖ ଉପସ୍ଥିତ୍ ରହେବେ ।

(ସୂଚନା)

ବିଧାନ୍ସଭା ଷ୍ଟାଣ୍ଡି କମିଟି ବୈଠକ୍ ଆର୍ଏନ୍ୟୁ/ ସମ୍ବଲପୁର

ବିଧାନ୍ସଭାର୍ ବିଭାଗୀୟ ସ୍ଥାୟୀ କମିଟି -୭ ର ଗୁଟେ ବୈଠକ୍ ଗଲାକାଏଲ୍ ସମ୍ବଲ୍ପୁର୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ହେଇଯାଇଛେ । ସ୍ଥାୟୀ କମିଟିର୍ ଅଧ୍ୟକ୍ଷ ଆଉ ଧର୍ମଗଡ଼୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟ୍ଟଯୋଷୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ପରିବେଶ ସୁରକ୍ଷା ଉପ୍ରେ ଜୋର୍ ଦିଆଯାଇଥିଲା ।

ପୁଲିସ୍ ଏଥ୍ଲେଟିକ୍ ଚାମ୍ପିଅନ୍ସିପ୍ ଆଇ.ଆଣ୍ଡ.ପି.ଆର୍

କଟକ୍ ରିଜର୍ଭ ପୁଲିସ୍ ପଡ଼ିଆ ନ ଚାଲିଥିବା ୭୪ ନମ୍ବର୍ ରାଜ୍ୟସ୍ତରୀୟ ପୁଲିସ୍ ଏଥ୍‌ଲେଟିକ୍ ଚାମ୍ପିଅନ୍‌ସିପ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦଯାପନୀ ସମାରୋହଥି ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ଉତ୍ସାହିତ୍ କରିଥିଲେ । ପ୍ରତିଯୋଗିତାଥି ୩୬ ଟା ପୁଲିସ୍ ଟିମ୍‌ର ୫ ଶହ ୨ ଝନ୍ ଖେଲାଲି ଭାଗ୍ ନେଇଥିଲେ ।

ଜାଇକା କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ଜାଇକା ସାହାଜ୍ ପାଇଥିବା ବନୀକରଣ୍ ପ୍ରକଳ୍ପର୍ ୧୪ ନମ୍ବର୍ ଜାତୀୟ କର୍ମଶାଳା ଆଏଜ୍ ଭୁବ୍‌ନେଶ୍ୱର୍ ନ ହେବା । ୩ ଦିନିଆ କର୍ମଶାଳାକେ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଉଦ୍‌ଘାଟନ୍ କର୍‌ବେ । କର୍ମଶାଳାଥି ଭବିଷ୍ୟତ୍ ବନାଂଚଲ୍ ଲାଗି ତୟାରି ସହେତେ ଜଲ୍‌ବାୟୁ ସହନ୍‌ଶୀଳ, ଡିଜିଟାଲ୍ ରୂପାନ୍ତରଣ ଆଉ ସ୍ଥାୟୀ କାଠ ଆଧାରିତ୍ ଅର୍ଥନୀତି ବିଷୟବସ୍ତୁ ଉପ୍‌ରେ ଜୋର୍ ଦିଆଯିବା ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ।